# ଆଇଆଇପିଏମ୍‌ର ୪ ଛାତ୍ରୀ ବିପିୟୁଟିରେ ଏମ୍‌ବିଏ ଯୁଗ୍ମ ଟପର୍

ରାଉରକେଲା, ୧୮/୯ (ଇମିସ): କାଂଶବାହାଲ ସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ରଡକସନ୍ ମ୍ୟାନେଜମେଣ୍ଟ (ଆଇଆଇପିଏମ୍)ର ୪ ଜଣ ଛାତ୍ରୀ ଚଳିତ ବର୍ଷ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏମ୍‌ବିଏ ପରୀକ୍ଷାରେ ଯୁଗ୍ମ ଟପର୍ ହୋଇଛନ୍ତି। ରେଶ୍ମା ନାଜ, ଡଲି ଠକ୍କର, ନିଶା ଗୋଏଲ ଓ ସ୍ମିତିପ୍ରଜ୍ଞା ପରିଡ଼ା ପ୍ରମୁଖ ଏହି ୪ ଛାତ୍ରୀ ୨୦୦୮-୧୦ ବ୍ୟାଚ୍‌ରେ ସମାନ ଟିଜିପିଏ (୮.୮୩) ପାଇ ଏହି କୃତିତ୍ୱ ହାସଲ କରିଛନ୍ତି। ଚଳିତ ବର୍ଷର ଏମ୍‌ବିଏ ପରୀକ୍ଷାରେ ଆଇଆଇପିଏମ୍‌ର ଅନ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୪ ପ୍ରତିଶତ କୃତକାର୍ଯ୍ୟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ଛାତ୍ରଛାତ୍ରୀ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଏହାଛଡ଼ା ଅନୁଷ୍ଠାନର ୪୮ ପ୍ରତିଶତ ଛାତ୍ରଛାତ୍ରୀ ୭୦ରୁ ୮୦ ପ୍ରତିଶତ ନମ୍ବର ରଖିଥିବା ଜଣାପଡ଼ିଛି। ଏହି ସଫଳତା ଯୋଗୁଁ ଆଇଆଇପିଏମ୍‌ର ନିର୍ଦ୍ଦେଶକ ଡ.ମିହିର ନାୟକ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆନନ୍ଦ ପ୍ରକାଶ କରିଛନ୍ତି। କଠିନ ପରିଶ୍ରମ ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ସେମାନେ ଏହି ସଫଳତା ଅର୍ଜନ କରିପାରିଲେ ବୋଲି ଡ.ନାୟକ କହିବା ସହ କଲେଜ ଶୃଙ୍ଖଳା ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାର ବାତାବରଣକୁ ଅଧିକ ବୃଦ୍ଧିମନ୍ତ କରିବାକୁ ପ୍ରୟାସ କରିବାକୁ ଆଇଆଇପିଏମ୍ କର୍ତ୍ତୃପକ୍ଷ ବଦ୍ଧପରିକର ବୋଲି ପ୍ରକାଶ କରିଛନ୍ତି।

The Sambad Dt. 19.09.09